## ସଂକ୍ଷେପରେ

### ଗାଡ଼ିରୁ ପଡ଼ି ଯୁବକ ମୃତ



ଅନୁଗୋଳ ଅଫିସ,୨।୧- ଅନୁଗୋଳ ସହର ଗାନ୍ଧୀମାର୍ଗରେ ଗୁରୁବାର ସ୍କୁଟିରୁ ପଡି ବ୍ରାହ୍ମଣୀଦେଈପଡ଼ା ଅଗ୍ରସେନ କଲୋନୀର ବିକାଶ ଅଗ୍ରୱାଲ(୩୭)ଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ବିକାଶ ଏକ ସ୍କୁଟି ଯୋଗେ ଘରୋଇ ବ୍ୟାଙ୍କକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଗାନ୍ଧୀ ମାର୍ଗରେ ଥିବା ହମ୍ପସ(ସ୍ପିଡ୍ ବ୍ରେକର) ନିକଟରେ ଭାରସାମ୍ୟ ହରାଇ ପଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨।୧(ଡି.ଏନ.ଏ.)- ହଣ୍ଡପା ଓ ଠାକୁରଗଡ଼ ପୋଲିସ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ହଣ୍ଡପା ପୋଲିସ କୋଟାସିଙ୍ଗା ଗ୍ରାମରେ ଚଢ଼ାଉ କରି ଫେରାର ଥିବା ବଇଣିଣା ଗ୍ରାମର ପ୍ରଶାନ୍ତ ସାମଲଙ୍କୁ ଗିରଫ କରିଛି। ପୋଲିସ କହିଛି, ଦୀର୍ଘ ୫ ବର୍ଷ ହେବ ପ୍ରଶାନ୍ତଙ୍କ ନାମରେ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସେ ପୋଲିସକୁ ଚକମା ଦେଖାଇ ଫେରାର ଥିଲେ। ସେ କୋଟାସିଙ୍ଗାରେ ଥିବା ଖବରପାଇ ହଣ୍ଡପା ଥାନା ଏଏସ୍ଆଇ ପ୍ରମୋଦ କୁମାର ଆଇଚ ଚଢ଼ାଉ କରିଥିଲେ। ସେହିପରି ଠାକୁରଗଡ଼ ପୋଲିସ ଠାକୁରଗଡ଼ ଗ୍ରାମରେ ଚଢ଼ାଉ କରି ମିଲୁ ଦଳେଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ

ଛେଣ୍ଡିପଦା,୨।୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଗତ ବୁଧବାର ସନ୍ଧ୍ୟାରେ ପ୍ରସନ୍ନ ସାହୁ, ତାଙ୍କ ସ୍ତ୍ରୀ ପ୍ରତିଭା ସାହୁ ଓ ପୁଅ ନାରାୟଣ ସାହୁ ଉକ୍ତ ଗ୍ରାମର ସଞ୍ଜୟ ସାହୁ ଓ ତାଙ୍କ କକା ଗଗନ ସାହୁଙ୍କ ଘରକୁ ଆସି ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ଏଥିରେ ଗଗନ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ସଞ୍ଜୟ ନିଶା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

ମାଧପୁର,୨।୧- ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଶାନ୍ତିପୁର ଗ୍ରାମରେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ସମ୍ପାଦକ ସଦାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୧୨ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କର୍ତ୍ତା ଭାବେ ଅଭିମନ୍ୟୁ ରତା ଓ ଭାରତୀ ରତା ଉପସ୍ଥିତ ଥିଲେ। ଭୁଲୁକି ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଗୋବିନ୍ଦ, ସନ୍ତୋଷ, ସୁକାନନ୍ଦ, ପ୍ରଦୀପ, ସଦାନନ୍ଦ, ଶଙ୍କର, ବିବିନ୍ଦ୍ର, ସନକ, ରମେଶ, ବିପିନ, ସାନୁଜଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ୧୧ ତାରିଖ ଯାଏ ପର୍ଯ୍ୟଟକଙ୍କୁ ସାତକୋଶିଆ ମନା

# ଆଜିଠୁ ପକ୍ଷୀ, ୯ରୁ କୁମ୍ଭୀର ଗଣନା

ବନ୍ତଳା,୨।୧(ଡି.ଏନ.ଏ.)



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ।

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଶୁକ୍ରବାରଠାରୁ ପକ୍ଷୀ ଗଣନା ହେବ। ଏଥିସହିତ ଆସନ୍ତା ୯ ରୁ୧୧ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯିବ। ଏଥିପାଇଁ ଗୁରୁବାର ଟିକରପଡା ରେଞ୍ଜ କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ସମ୍ମିଳନୀ ଗୃହରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସୌମ୍ୟକ ସାମନ୍ତରା ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ସାତକୋଶିଆ ଏସିଏଫ ଶୁଭେନ୍ଦୁ ବେହେରା କୁମ୍ଭୀର ଗଣନା ଓ ଏସିଏଫ ସରୋଜ ପଣ୍ଡା ପକ୍ଷୀ ଗଣନା ତାଲିମ ପ୍ରଦାନ କରିଥିଲେ। ଆଠମଲ୍ଲିକ ଏସିଏଫ ରାଜେନ୍ଦ୍ର ଗୋଚ୍ଛାୟତ ୟୁନିଟ୍ ଗଠନ କରିଥିଲେ। ସାତକୋଶିଆ ମହାନଦୀ ଗଣ୍ଡର ୨୧ କିଲୋମିଟର, ଶିଶୁ ପଥର ଡ୍ୟାମ୍, ଆଠମଲ୍ଲିକର ବେଲପୁଞ୍ଜି ମଠ, ମାନଯୋର ପ୍ରୋଜେକ୍ଟ, କଦଳୀଖୋଲା, ରାଉତପଡା ବନ୍ଧ, ଜାମଡୋଳି ବନ୍ଧ ଆଦି ଅଞ୍ଚଳରେ ପକ୍ଷୀ ଓ କୁମ୍ଭୀର ଗଣନା କରାଯିବ। କୁମ୍ଭୀର ଗଣନା ପାଇଁ ମୋଟ ୧୩ଟି ୟୁନିଟ୍ ମଧ୍ୟରୁ ସାତକୋଶିଆରେ ୫ଟି, ମହାନଦୀରେ ୫ଟି ଓ ଆଠମଲ୍ଲିକରେ ୩ଟି ୟୁନିଟ୍ ଗଣନା କରିବେ। ସେହିପରି ପକ୍ଷୀ ଗଣନା ପାଇଁ ୧୫ଟି ୟୁନିଟ୍ ଗଠନ କରାଯାଇଛି। ଟିକରପଡାରୁ ବିନିକେଇ, ବିନିକେଇରୁ ପତାକା, ଟିକରପଡାରୁ କଟରଙ୍ଗ, କଟରଙ୍ଗରୁ ବାଲିପୁଟ, ବାଲିପୁଟରୁ ଚକ୍ରଗଡ଼, ଆଠମଲ୍ଲିକ ହରଭଙ୍ଗାରୁ ଅଏଡ, ଲୁଣାହାଣ୍ଡି, ବେଲପୁଞ୍ଜି ମଠ, ଶିଶୁ ପଥର ଡ୍ୟାମ ଅଞ୍ଚଳର ବିଭିନ୍ନ ଜଳାଶୟରେ ଏହି ଗଣନା କରାଯିବ। ଏଥିପାଇଁ ମୋବାଇଲ ଟ୍ରାକିଙ୍ଗ, ଜିପିଏସ, ବାଇନା କୁଲର ଓ ସ୍ୱତନ୍ତ୍ର କ୍ୟାମେରା ବ୍ୟବସ୍ଥା କରାଯାଇଛି। ୧୧ ତାରିଖ ଏହି ଗଣନା ସରିବା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ଅଭୟାରଣ୍ୟ ବନ୍ଦ ରଖାଯାଇଛି। ଟିକରପଡା, କମାଳାଡିହ, ଆଠମଲ୍ଲିକର ସମସ୍ତ ମତ୍ସ୍ୟଜୀବୀଙ୍କୁ ନଦୀ ଭିତରକୁ ଯିବାକୁ ବାରଣ କରାଯାଇଛି। ବୈଠକରେ ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଫରେଷ୍ଟର ଓ ଗାର୍ଡ ଯୋଗ ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୋଳ ଅଫିସ, ୨।୧

ଅନୁଗୋଳ ଥାନା ଖଲାରୀ ଅଞ୍ଚଳରେ ଥିବା ନୂଆଗାଁରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ନୂଆଗାଁ ଅଞ୍ଚଳର ଅକ୍ଷୟ ପ୍ରଧାନ। ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଅକ୍ଷୟ କିଛି ଦିନ ହେବ ମାନସିକ ଚାପରେ ଥିବାରୁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପ୍ରଦାନ କରିଛି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ବସ୍ତା, ୨।୧(ସ୍ୱ.ପ୍ର.):

ସିଂଲା ଥାନା ଅନ୍ତର୍ଗତ ସାର୍ଥା ବିନ୍ଧା ଗ୍ରାମର ଆନନ୍ଦ ମଣ୍ଡଳଙ୍କ ୭ବର୍ଷର ପୁଅ ପ୍ରଦୀପ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପରିବାର ଲୋକେ ତାଙ୍କୁ ଏଣେତେଣେ ଖୋଜି ନ ପାଇବାରୁ ପୋଖରୀରେ ଜାଲ ପକାଇଥିଲେ। ପରେ ତାଙ୍କୁ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ଶବ ବ୍ୟବଚ୍ଛେଦ କରିଛି।

## ୨ ଅତିରିକ୍ତ ଖଣିରୁ ଏନ୍‌ଟିପିସିକୁ କୋଇଲା ଯୋଗାଣ



ଟ୍ରେନ୍ ଯୋଗେ ଏନ୍‌ଟିପିସିକୁ କୋଇଲା ପରିବହନ କରାଯାଉଛି।

ତାଳଚେର,୨।୧(ନି.ପ୍ର.)

ଅନୁଗୋଳ ଜିଲା କଣିହାଁଠାରେ ଥିବା ଏନ୍‌ଟିପିସିରେ କୋଇଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୀର୍ଘକାଳୀନ ନିମନ୍ତେ ଏହି ଶୁଷ୍କ ଇନ୍ଧନ ଯୋଗାଣ ବ୍ୟବସ୍ଥା କରାଯାଇଛି। କୋଲ୍ ଇଣ୍ଡିଆର ଅଂଶୀଦାର କମ୍ପାନୀ ଏମ୍‌ସିଏଲ୍ ଏବଂ ଇସିଏଲ୍ ସହିତ ଦୀର୍ଘମିଆଦୀ ଫୁଏଲ ସପ୍ଲାଏ ଏଗ୍ରିମେଣ୍ଟ (ଏଫ୍ଏସ୍ଏ) କରାଯାଇଛି। କୋଇଲା ସଙ୍କଟ ଯୋଗୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହେଉଥିବାରୁ ଏନ୍‌ଟିପିସି ପକ୍ଷରୁ ଏଭଳି ଯୋଜନାବଦ୍ଧ ପଦକ୍ଷେପ ନିଆଯାଉଛି। ଏହି ତାପଜ କେନ୍ଦ୍ରକୁ କୋଇଲା ଯୋଗାଣ ନିମନ୍ତେ ୨ଟି ବିକଳ୍ପ ବ୍ୟବସ୍ଥା କରାଯାଇଛି। ଗତ ଡିସେମ୍ବର ୩୦ରେ ଏନ୍‌ଟିପିସି ତାଳଚେର କଣିହାଁ ବିଦ୍ୟୁତ୍ କେନ୍ଦ୍ରକୁ ଏମ୍‌ସିଏଲ୍‌ର ତାଳଚେର ସ୍ଥିତ ଭୁବନେଶ୍ୱରୀ ଓସିପି ଓ ସୁନ୍ଦରଗଡ଼ସ୍ଥିତ ଦୁଲଙ୍ଗ କୋଇଲା ଖଣିରୁ କୋଇଲା ଯୋଗାଣ ଆରମ୍ଭ ହୋଇଛି। ନୂତନ ଭାବେ ନିର୍ମିତ ଲିଙ୍ଗରାଜ-୩ ସାଇଡିଂ ଜରିଆରେ ଭୁବନେଶ୍ୱରୀ ଖଣିରୁ କୋଇଲା ଯୋଗାଣ ରେଳପଥରେ କରାଯିବ। ସେହିପରି ଏନ୍‌ଟିପିସିର ନିଜସ୍ୱ କୋଲ୍ ବ୍ଲକ ଦୁଲଙ୍ଗ ଖଣିରୁ କଣିହାଁକୁ ଉଭୟ ସଡ଼କପଥ ଏବଂ ରେଳପଥ ଯୋଗେ ନିୟମିତ କୋଇଲା ପରିବହନ ହେବ। ଉଭୟ କୋଇଲା ଯୋଗାଣ ଉତ୍ସ ଯୋଗୁ କଣିହାଁ କେନ୍ଦ୍ରରେ ବିଦ୍ୟୁତ୍ ଉତ୍ପାଦନରେ ଉନ୍ନତି ଘଟିବ ବୋଲି ପ୍ରେସ୍ ଇସ୍ତାହାରେ କୁହାଯାଇଛି।

## ମା' ଝାରୀ କୁଆଁଦେଈ ପୀଠର ହେବ ବିକାଶ

# ଅଣ୍ଟା ଭିଡ଼ିଲା ବ୍ଲକ ପ୍ରଶାସନ

ଛେଣ୍ଡିପଦା,୨।୧(ସ୍ୱ.ପ୍ର.)

‘ଧରିତ୍ରୀ’ ପ୍ରଭାବ

ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଗ୍ରାମଠାରେ ଥିବା ମା' ଝାରୀ କୁଆଁଦେଈ ପୀଠ ଓ ଉଷ୍ମ ପ୍ରସ୍ରବଣ ସ୍ଥଳର ବିକାଶ ପାଇଁ ଅଣ୍ଟା ଭିଡିଛି ବ୍ଲକ ପ୍ରଶାସନ। ଉକ୍ତ ପୀଠଟି ଦୀର୍ଘ ବର୍ଷ ହେବ ଅବହେଳିତ ହୋଇ ପଡି ରହିଥିବା ନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପରେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ସୁନୀଲ କୁମାର କେରକେଟା ପ୍ରମୁଖ ଚାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଗ୍ରାମ ଓହ୍ଲାଣୀ ନାଳ ପାର୍ଶ୍ୱରେ ଥିବା ମା'ଝାରୀ କୁଆଁଦେଈ ଠାକୁରାଣୀଙ୍କ ପୀଠସ୍ଥଳ, ଉଷ୍ମପ୍ରସ୍ରବଣ କୁଣ୍ଡ, ପୀଠସ୍ଥଳ ନିକଟ କୁମ୍ଭୀରା, ଗଉଡୁଣୀ ଓ ବଡଯୋରା ନାଳର ସଙ୍ଗମ ସ୍ଥଳ ଆଦି ବୁଲି ଦେଖିଥିଲେ। ପୀଠସ୍ଥଳରେ ଥଣ୍ଡା ପାଣି ସହ ଗରମ ପାଣି ବାହାରୁ ଥିବା ଦୁଇଟି କୁଣ୍ଡ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଥିବା ଦେଖି ବ୍ଲକ ପ୍ରଶାସନ ପକ୍ଷରୁ ପୀଠର ବିକାଶ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିନିମନ୍ତେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ଜେଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ସୁନୀଲ କୁମାର କେରକେଟା ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ କୁହନ୍ତି, ଉକ୍ତ ପୀଠରେ ୨ଟି କୁଣ୍ଡ ରହିଛି। ଗୋଟିଏ କୁଣ୍ଡରେ ଥଣ୍ଡା ପାଣି ବାହାରୁ ଥିବାବେଳେ ଅନ୍ୟ ଏକ କୁଣ୍ଡରେ ଗରମ ପାଣି ବାହାରୁଛି। କିନ୍ତୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଏହି ପୀଠ ରହିଥିବାରୁ ବିକାଶ ହୋଇପାରୁ ନ ଥିଲା। ଫେବୃୟାରୀ ପ୍ରଥମ ସପ୍ତାହରେ ପୀଠର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବ୍ଲକ ଅଧକ୍ଷ ପ୍ରକାଶ କରିଛନ୍ତି।

## ରାସ୍ତା ତଳକୁ ବାଇକ୍ ଖସି ୩ ଗୁରୁତର

ବସ୍ତା, ୨।୧(ସ୍ୱ.ପ୍ର.):

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଛାନୁଆ-ବାହାବଳପୁର ରାସ୍ତାରେ ରାସ୍ତା ତଳକୁ ବାଇକ୍ ଖସି ୩ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ବାହାବଳପୁରରୁ ଆସୁଥିବା ଏକ ବାଇକ୍ (ନଂ. ଓଡ଼ି୦୧ଏକ୍ସ-୪୯୩୦) ଅସାବଧାନତା ବଶତଃ ଛାନୁଆ ନିକଟବର୍ତ୍ତୀ ରାସ୍ତା ତଳକୁ ଖସି ଯାଇ ପାଖରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ସେଥିରେ ବସିଥିବା ଚାଳକଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରଲେଖା ପର୍ଯ୍ୟନ୍ତ ଗୁରୁତରମାନଙ୍କର କୌଣସି ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଗାଡ଼ିରେ ଶୁଖୁଆ ବ୍ୟାଗ୍ ଥିବା ଯୋଗୁ ବାହାବଳପୁରରୁ ଶୁଖୁଆ କିଣି ଫେରୁଥିବା ଅନୁମାନ କରାଯାଉଛି।

## ପାପସରାରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥି।

ଅନୁଗୋଳ ଅଫିସ, ୨।୧

ଅନୁଗୋଳ ଜିଲା ପାପସରା ଗ୍ରାମରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଭେଜିଗୋଠ ଓ ବଏସଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭେଜିଗୋଠ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି କସ୍ତୁରୀବାହାଳ ଓ ଲୁହାମୁଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯାଇଥିଲା। ଏଥିରେ କସ୍ତୁରୀବାହାଳ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପରେ ଭେଜିଗୋଠ ଓ କସ୍ତୁରୀବାହାଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ୱାର୍ଟର ଫାଇନାଲରେ ଭେଜିଗୋଠ ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମ୍ୟାଚ ପାପସରା ଓ ବିସିପାଲି ଏବଂ ଦ୍ୱିତୀୟ ମ୍ୟାଚ ବିଲେଇନାଳୀ ଓ କଳାପାଟ ମଧ୍ୟରେ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ସାହୁ, ବିପିନି ସାହୁ, ବିଭୁଦତ୍ତ ପ୍ରଧାନ ଉପସ୍ଥିତ ଥିବାବେଳେ ଗ୍ରାମର ସମସ୍ତ କ୍ରିକେଟ ପ୍ରେମୀ ସହଯୋଗ କରିଥିଲେ।

# ତୀର୍ଥଯାତ୍ରୀଙ୍କୁ ଲୁଟ୍ ଉଦ୍ୟମ ପଣ୍ଡ, ୩ ଗିରଫ

ଅନୁଗୋଳ ଅଫିସ/ବଆଁରପାଳ,୨।୧



ଗିରଫ ୩ ଦୁର୍ବୃତ୍ତଙ୍କୁ ପୋଲିସ ହାଜର କରିଛି।

ଅନୁଗୋଳ ଜିଲା ବଆଁରପାଳ ଥାନା ତଳମୂଳ ଉଚ୍ଚ ବିଦ୍ୟାଳୟ ନିକଟରେ ବୁଧବାର ବିଳମ୍ବିତ ରାତିରେ ତୀର୍ଥଯାତ୍ରୀଙ୍କଠାରୁ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି। ଜଣେ ଯୁବକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୩ ଦୁର୍ବୃତ୍ତଙ୍କୁ ତୀର୍ଥଯାତ୍ରୀମାନେ କାବୁ କରି ପୋଲିସ ଜିମା ଦେଇଛନ୍ତି। ପରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ନୂଆଗାଁ ଅଞ୍ଚଳର ଶର୍ମା ନନ୍ଦ ଗଡ଼ନାୟକ(୩୨), ବଆଁରପାଳ ଥାନା ଗଡ଼ତଳମୂଳ ଅଞ୍ଚଳର ପ୍ରକାଶ ପଟ୍ଟନାୟକ(୨୬) ଓ ସୁବାସ ଭୋଇ(୨୪)। ସେମାନଙ୍କ ନିକଟରୁ ୩ଟି ବାଇକ, ଗୋଟିଏ ଦେଶୀ ବନ୍ଧୁକ, ୩ ଜୀବନ୍ତ ଗୁଳି, ଗୋଟିଏ ସୁନାର ହନୁମାନ ଲକେଟ୍ ଓ ୪ଟି ମୋବାଇଲ ଜବତ କରାଯାଇଥିବା ବଆଁରପାଳ ଥାନା ଅଧିକାରୀ ସୁନୀଲ କୁମାର କର ସୂଚନା ଦେଇଛନ୍ତି।

ପୋଲିସ କହିଛି, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ପୁରୀ ଓ ତାରା ତାରିଣୀରୁ ତୀର୍ଥ ସାରି ୨ଟି ବୋଲେରୋରେ ଫେରୁଥିବାବେଳେ ତଳମୂଳଠାରେ ସମ୍ପୃକ୍ତ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇ ଥିଲେ। ପରେ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ସେହି ସମୟରେ ଉକ୍ତ ଗାଡ଼ିରେ ଥିବା ଜଣେ ଯୁବକ ସାହସ କରି ଅନୁଗୋଳ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିବା ସହ ଜଣେ ଦୁର୍ବୃତ୍ତ ପିନ୍ଧିଥିବା ହେଲମେଟକୁ ମୁଥ ମାରିଥିଲେ। ଫଳରେ ଦୁର୍ବୃତ୍ତ ଜଣକ ତଳେ ପଡ଼ିଯାଇଥିଲେ। ପରେ ଅନ୍ୟ ୨ ଦୁର୍ବୃତ୍ତଙ୍କୁ ତୀର୍ଥଯାତ୍ରୀମାନେ କାବୁ କରିନେଇଥିଲେ। ତଳେ ପଡ଼ିଯାଇଥିବା ଦୁର୍ବୃତ୍ତ ଜଣଙ୍କ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ପରେ ମହୀଧରପୁର ଫାଣ୍ଡି ଓ ବଆଁରପାଳ ଥାନା ପୋଲିସ ପହଞ୍ଚି ଧରାପଡ଼ିଥିବା ୨ଜଣଙ୍କ ସହ ଖସି ପଳାଇଥିବା ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ଏ ନେଇ ପୋଲିସ ନଂ. ୨/୨୦୨୦ରେ ଏକ ମାମଲା ରୁଜୁ କରି ଗିରଫ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ




ଜଣେ ବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରାଯାଉଛି।

ତାଳଚେର,୨।୧(ନି.ପ୍ର.)

ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ତାଳଚେର ଶାଖା ପକ୍ଷରୁ ନବବର୍ଷ ଉପଲକ୍ଷେ ବିଜୁ ପଟ୍ଟନାୟକ ଜରା ନିବାସରେ ଥିବା ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସଭାପତି ଶଙ୍କର ଲାଲ ମୋଦି, ଗୋପାଲ ମୋଦି, ଓମ ପ୍ରକାଶ ଗୁପ୍ତା, ବେଦ ପ୍ରକାଶ ମୋଦି ପ୍ରମୁଖ ଅନ୍ତେବାସୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ କମ୍ବଳ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରହିବ ବୋଲି ସଙ୍ଗଠନ ସଭାପତି କହିଛନ୍ତି। ଜରାନିବାସ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ବଢ଼ିବ ସାତକୋଶିଆର ଶୋଭା



ସାତକୋଶିଆର ମହାନଦୀ ଗଣ୍ଡରେ ପର୍ଯ୍ୟଟକମାନେ ବୋଟିଂ କରୁଛନ୍ତି।



ମହାନଦୀ ପଠାରେ ଖରା ଖାଉଥିବା କୁମ୍ଭୀର।





ଟିକରପଡାର ଘଡ଼ିଆଳ ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ସମ୍ମୁଖରେ ପିଲାଙ୍କ ପାଇଁ କରାଯାଉଥିବା ପାର୍କରେ ସ୍କୁଲ ଛାତ୍ରୀଛାତ୍ରମାନେ ଖେଳୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ଜାନୁୟାରୀ ୩ / ୨୦୨୦, Dhenkanal,Friday, January 3 / 2020

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ଜୀବନବୀମା ନିଗମର ଅଭିକର୍ତ୍ତା ସମ୍ମିଳନୀ
ସ୍ଥାନ: ଗୁଡ଼ିଆନାଳୀ କଲ୍ୟାଣ ମଣ୍ଡପ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୯ ବଖରା ଭସ୍ମ

**ଢେଙ୍କାନାଳ ଅଫିସ,୨୧:** ଗଁଦିଆ ବ୍ଲକ କାଲୁରିଆ ପଞ୍ଚାୟତର ପାତୁସାହିକାଟେଣୀ ଗ୍ରାମରେ ବୁଧବାର ମଧରାତ୍ରିରେ ଅଗ୍ନିକାଣ୍ଡ ଘଟି ୯ ବଖରା ଚାଳଛପର ଭସ୍ମୀଭୂତ ହୋଇଯାଇଛି। ମାୟାଧର ବେହେରାଙ୍କ ୩, ଅନ୍ତର୍ଯ୍ୟାମୀ ବେହେରାଙ୍କ ୩, କୈଳାସ ବେହେରାଙ୍କ ୨, ବିକ୍ରମ ବେହେରାଙ୍କ ଏକ ବଖରା ଛାରଖାର ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଗଁଦିଆ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅକ୍ଷୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ୫ ପାୱାର ଟିଲର ଜବତ

**କାମାକ୍ଷାନଗର, ୨୧(ଡି.ଏନ.ଏ.):** କାମାକ୍ଷାନଗର ତହସିଲ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତୁମୁସିଙ୍ଗା ଥାନା ଅସୁରମଡ଼ାସ୍ଥିତ ଏକ ବେଆଇନ ପଥର ଖଣିରେ ଗୁରୁବାର ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ପଥରକଟାରେ ବ୍ୟବହୃତ ୫ ପାୱାର ଟିଲର ଜବତ କରାଯାଇଛି। ଏଥିସହ କ୍ୟାମ୍ପ ଅଫିସ ଭାଙ୍ଗି ଦିଆଯାଇଛି। ତହସିଲଦାର ସଞ୍ଜୟ କୁମାର ରାଉତଙ୍କ ନେତୃତ୍ୱରେ ତୁମୁସିଙ୍ଗା ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ପାୱାର ଟିଲରଗୁଡ଼ିକୁ ଥାନା ଜିମା ଦିଆଯାଇଛି।

### ତୈଳିକ ବୈଶ୍ୟ ସମାଜର ବୈଠକ

**ଢେଙ୍କାନାଳ ଅଫିସ, ୨୧:** ଓଡ଼ାପଡ଼ା ବ୍ଲକ ଗଦାଶିଳା ପାଲାମଣ୍ଡପରେ ଚାଇଁପୁରପାଟଣା (ଖ) ତୈଳିକ ବୈଶ୍ୟ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ତଥା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଉପସଭାପତି ବଟକୃଷ୍ଣ ସାହୁ, ସମ୍ପାଦକ ଅମର ସାହୁ, ଲଳିତ ମୋହନ ସାହୁ, ବିଶ୍ୱନାଥ ସାହୁ, ଚୈତନ୍ୟ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ଡମ୍ବରୁଧର ସାହୁ ନାମ ସଂକୀର୍ତ୍ତନ କରିଥିଲେ।

### ହନୁମାନ ଚାଳିଶା ନାମଯଜ୍ଞ

**ଢେଙ୍କାନାଳ ଅଫିସ, ୨୧** ଓଡ଼ାପଡ଼ା ବ୍ଲକ ଗଦାଶିଳା ରାମମନ୍ଦିର ପରିସରରେ ନବବର୍ଷ ଅବସରରେ ବୁଧବାର ୧୦୮ ହନୁମାନ ଚାଳିଶା ପାଠ ସହିତ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, କମିଟି ସଭାପତି ନିତ୍ୟାନନ୍ଦ ରଥଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ରହି ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

■ଗେଙ୍ଗୁଟିଆ ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅବ୍ୟବସ୍ଥା

# ମିଳିନି ଡିସେମ୍ବର ଟଙ୍କା

■ବିନା କାରଣରେ ୧୫ଦିନ ହେଲା ଛୁଟିରେ ପିଇଓ
■ମିଳୁନି କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର
■ଜଏଣ୍ଟ ଆକାଉଣ୍ଟରୁ ଉଠାଯାଇଛି ଅର୍ଥ
■ୟୁସି ଦେଉନାହାନ୍ତି ନିର୍ବାହୀ ଅଧିକାରୀ: ବିଡିଓ
■ଟଙ୍କା ସୁରକ୍ଷିତ ଅଛି: ସରପଞ୍ଚ
■ଅସୁସ୍ଥ ଥିବାରୁ ବଣ୍ଟାଯାଇନାହିଁ: ପିଇଓ


OFFICE OF THE PANCHAYAT SAMITI, PARAJANG
SHOW CAUSE NOTICE

**ପରଜଙ୍ଗ, ୨୧(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀକୁ ନେଇ ସୃଷ୍ଟି ହୋଇଥିବା ତୁମ୍ଭିତୋଫାନ ନ ଥମୁଣୁ ପରଜଙ୍ଗ ବ୍ଲକରେ ଏବେ ଭତ୍ତା ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗେଙ୍ଗୁଟିଆ ପଞ୍ଚାୟତର ହିତାଧିକାରୀଙ୍କୁ ଡିସେମ୍ବର ମାସର ଭତ୍ତା ମିଳିନାହିଁ। ଭତ୍ତା ବାବଦ ଟଙ୍କା ଜଏଣ୍ଟ ଆକାଉଣ୍ଟରୁ ଉଠାଯାଇଥିବାବେଳେ ବଣ୍ଟା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଅଭିଯୋଗ ହେବା ପରେ ବିଡିଓ ସମ୍ପୃକ୍ତ ପଞ୍ଚାୟତର ପିଇଓଙ୍କୁ ଗତ ୧୫ ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ହେଲେ ଅଦ୍ୟାବଧି ଏହାର ଉତ୍ତର ମିଳିନାହିଁ। ଅନ୍ୟପଟେ ଏଥିରେ ଘୋଟାଲା ହୋଇଥିବା ସନ୍ଦେହ କରି ଭତ୍ତାରୁ ବଞ୍ଚିତ ହିତାଧିକାରୀ ଜିଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଭତ୍ତା ବଣ୍ଟନ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବାକୁ ସରକାରୀ ଗାଇଡ୍ ଲାଇନ ରହିଛି। ପ୍ରତି ମାସ ୧୫ ତାରିଖରେ ଭତ୍ତା ବଣ୍ଟନ କରାଯାଉଛି। ଏହା ପୂର୍ବରୁ ସରପଞ୍ଚ ଏବଂ ପିଇଓଙ୍କ ଜଏଣ୍ଟ ଆକାଉଣ୍ଟକୁ ବ୍ଲକ ପ୍ରଶାସନ ପକ୍ଷରୁ ଟଙ୍କା ଆସିଥାଏ। ଉଭୟେ ଦସ୍ତଖତ କରି ଟଙ୍କା ଉଠାଇଥାନ୍ତି। ଗେଙ୍ଗୁଟିଆ ପଞ୍ଚାୟତରେ ଭତ୍ତା ବଣ୍ଟନ ପାଇଁ ଡିସେମ୍ବର ୧୫ ପୂର୍ବରୁ ବ୍ଲକ କର୍ତ୍ତୃପକ୍ଷ ୨ ଲକ୍ଷ ୫୦ ହଜାର ଟଙ୍କା ପୈଠ କରିଥିଲେ। ଏହାକୁ ସରପଞ୍ଚ ସୀମାନ୍ତ କୁମାର ଜେନା ଏବଂ ପିଇଓ ବାବୁଲାଲ ବାରିକ ଉଠାଇଥିଲେ। ହେଲେ ଅଦ୍ୟାବଧି ହିତାଧିକାରୀଙ୍କୁ ଟଙ୍କା ଦିଆଯାଇନାହିଁ। ଫଳରେ ୬ଶହରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଟଙ୍କା ଯଦି ଉଠାଯାଇଛି, ତେବେ କାହିଁକି ବଣ୍ଟାଯାଇନାହିଁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି। ଏ ନେଇ ପିଇଓ କୁହନ୍ତି, ଉଠାଯାଇଥିବା ଭତ୍ତା ଟଙ୍କା ସୁରକ୍ଷିତ ଅଛି। ସେ ଅସୁସ୍ଥ ଅଛନ୍ତି। ତେଣୁ ଟଙ୍କା ବଣ୍ଟା ଯାଇପାରିନାହିଁ। ଶୁକ୍ରବାର ଭତ୍ତା ବଣ୍ଟାଯିବ। ହେଲେ ଅସୁସ୍ଥତା କାରଣରୁ ଛୁଟି ନେଇଛନ୍ତି କି ବୋଲି ପଚାରିବାରେ ସେ ଏମିତି ରହିଯାଇଥିବା ସ୍ୱଷ୍ଟୀକରଣ ଦେଇଛନ୍ତି। ସେହିପରି ସରପଞ୍ଚ କୁହନ୍ତି, ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ପାଇଁ ପ୍ରତିମାସରେ ୩ ଲକ୍ଷ ୨୦ ହଜାର ଟଙ୍କା ଆବଶ୍ୟକ। ବ୍ଲକ ପ୍ରଶାସନ ପକ୍ଷରୁ ସାଢ଼େ ୨ ଲକ୍ଷ ଟଙ୍କା ଦିଆଯାଇଛି। ଏହା କମ୍ ପଡ଼ିବ। ତେଣୁ ଟଙ୍କା ବଣ୍ଟାଯାଇନାହିଁ। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ପିଇଓ ଭତ୍ତା ବଣ୍ଟନ ବାବଦ ୟୁସିକୁ ଠିକ୍ ଭାବେ ପ୍ରଦାନ କରୁନାହାନ୍ତି। କେତେ ଟଙ୍କା ବଳିଛି ତାହାର ହିସାବ ଦେଉନାହାନ୍ତି। ତେଣୁ ୩ଲକ୍ଷ ୨୦ ହଜାର ପରିବର୍ତ୍ତେ ୨ ଲକ୍ଷ ୫୦ ଦିଆଯାଇଛି। ନିଅଣ୍ଟ ହେଲେ ପୁନର୍ବାର ପ୍ରଦାନ କରିବାକୁ କୁହାଯାଇଛି। ଗତ ୧୫ ତାରିଖରୁ ପିଇଓ କାର୍ଯ୍ୟାଳୟକୁ ଆସୁନାହାନ୍ତି। ବିନା କାରଣରେ ଛୁଟିରେ ଅଛନ୍ତି। ଫୋନ୍ ଉଠାଉନାହାନ୍ତି। ଭତ୍ତା ଟଙ୍କା ବଣ୍ଟନ ହୋଇ ନ ଥିବା ଅଭିଯୋଗ ହେବାପରେ ପତ୍ର ସଂଖ୍ୟା ୨୩୯୧ ଅନୁଯାୟୀ ଡିସେମ୍ବର ୩୦ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ହେଲେ ଏହାର ଉତ୍ତର ଆଜି ପର୍ଯ୍ୟନ୍ତ ଦେଇନାହାନ୍ତି। ପୂର୍ବରୁ ମଧ ପିଇଓଙ୍କ ନାମରେ କାର୍ଯ୍ୟରେ ଅବହେଳା ଅଭିଯୋଗ ଆସିଥିଲା। ତାଙ୍କ ଦରମା ବନ୍ଦ କରାଯାଇଛି। ଏ ନେଇ ପିଡି ଡିଆର୍‌ଡିଏ, ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ ବାରମ୍ବାର ପଞ୍ଚାୟତ ଭତ୍ତା ସମେତ ଅନ୍ୟ କାମରେ ଅନିୟମିତତା ହେଉଥିବା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବ୍ଲକ ଏବଂ ଜିଲା ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ହିତାଧିକାରୀ।

■ମଣ୍ଡି ବିଳମ୍ବ, ଚାଷୀ ଅସନ୍ତୋଷ

# ୩ ଘଣ୍ଟା ଡେରିରେ ଉଠିଲା ଧାନ


ମଣ୍ଡିରେ ଧାନ ଲୋଡ କରାଯାଉଛି।

**ଭୁବନ, ୨୧(ଡି.ଏନ.ଏ.)**

ଭୁବନ ମହୁଲପାଳ ସେବା ସମବାୟ ସମିତି ପକ୍ଷରୁ ମୃଦଙ୍ଗା ହାଟ ଛକରେ ଧାନମଣ୍ଡି ଗୁରୁବାର ୩ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଧାନ କିଣାବିକା ବିଳମ୍ବିତ ହେବାରୁ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ଏଠାରେ ଡିସେମ୍ବର ୨୬ରୁ ମଣ୍ଡି ଆରମ୍ଭ ହୋଇଛି। ଚଳିତବର୍ଷ ୬୧୬ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ମୋଟ ୧୧ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତି ମଣ୍ଡିରେ ୨୦୦୦ କୁଇଣ୍ଟାଲ ଧାନ କିଣାଯିବାକୁ କୁହାଯାଇଥିଲା। ହେଲେ ଗୁରୁବାର ମାତ୍ର ୬୦୦ କୁଇଣ୍ଟାଲ ଧାନ କିଣିବା ଲାଗି ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଧାନ ବୋହିବା ଲାଗି ସମବାୟ ସମିତି ପକ୍ଷରୁ ନିୟୋଜିତ ଶ୍ରମିକ ୬୦୦ କୁଇଣ୍ଟାଲ ପରିବର୍ତ୍ତେ ୨୦୦୦ କୁଇଣ୍ଟାଲ ଧାନ ପାଇଁ ଧାର୍ଯ୍ୟ ମଜୁରି ଦାବି କରିଥିଲେ। ଏଥିସହ ଚାଷୀଙ୍କୁ ମଧ ବସ୍ତାପିଛା ଏକଟଙ୍କା ଲେଖାଏ ଦେବାକୁ କହିଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଧାନ କିଣା ବିଳମ୍ବିତ ହୋଇଥିଲା। ପରେ ଚାଷୀମାନେ ଅନ୍ୟ ଶ୍ରମିକ ଆଣି ଧାନ ବୋଝେଇ କରିଥିଲେ। ଏହାକୁ ନେଇ ମଣ୍ଡିରେ ଶ୍ରମିକ ଏବଂ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏ ନେଇ ସମବାୟ ସମିତି ସମ୍ପାଦକ ସୁଶାନ୍ତ ସାହୁ କୁହନ୍ତି, ପୂର୍ବରୁ ଧାନ ବୋଝେଇ କରୁଥିବା ଶ୍ରମିକ ଅଧିକ ମଜୁରି ଦାବି କରିଥିଲେ। ଚାଷୀଙ୍କଠାରୁ ବସ୍ତାପିଛା ୧ଟଙ୍କା ଦାବି କରିଥିଲେ। ଏହାକୁ ଚାଷୀ ବିରୋଧ କରିବାରୁ ନୂଆ ଶ୍ରମିକଙ୍କ ଜରିଆରେ କାମ କରାଯାଇଛି।

■ସୁବାସ ମେମୋରିଆଲ କ୍ରିକେଟ

# ପ୍ରଗତି ସ୍ପୋର୍ଟିଂ ସେମିରେ


ଗୁରୁବାର ଅନୁଷ୍ଠିତ ମ୍ୟାଚ୍।

**ଢେଙ୍କାନାଳ ଅଫିସ, ୨୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡ଼ା ଗ୍ରାମରେ ମା' ଅନ୍ଧାରୀ କ୍ଲବ ପକ୍ଷରୁ ଚାଲିଥିବା ୧୦ତମ ରାଜ୍ୟସ୍ତରୀୟ ସୁବାସ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱରର ରାମେଶ୍ୱର କ୍ରିକେଟ କ୍ଲବକୁ ୨ ଉଇକେଟରେ ହରାଇ ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲା। ନିହାର ରଞ୍ଜନ ସର୍ବାଧିକ ୩୬ ରନ୍ କରିଥିଲେ। ପ୍ରଗତି ସ୍ପୋର୍ଟିଂ ପକ୍ଷରୁ ରଘୁନାଥ ୩ ଏବଂ ନିରଞ୍ଜନ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୩.୪ ଓଭରରେ ୮ ଉଇକେଟ ହରାଇ ୧୮୭ ରନ କରି ବିଜୟୀ ହୋଇଥିଲା। ୪୨ ରନ୍ କରିଥିବା ନିରଞ୍ଜନ ବେହେରା 'ମ୍ୟାନ ଅଫ୍ ଦି ମ୍ୟାଚ' ଘୋଷିତ ହୋଇଥିଲେ। ବିମଳ ରାଉତ, ସଞ୍ଜୟ ସାମଲ ମ୍ୟାଚ ପରିଚାଳନା କରିଥିବାବେଳେ ବିଜନ ମିଶ୍ର, ପ୍ରଶାନ୍ତ ଦାସ ଧାରା ବିବରଣୀ ଦେଇଥିଲେ। ସୁଶାନ୍ତ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ପ୍ରଗତି ସ୍ପୋର୍ଟିଂ ଏବଂ ୱାଇସିସି ତାଳଚେର ମଧ୍ୟରେ ସେମିଫାଇନାଲ ମ୍ୟାଚ ଖେଳାଯିବ।

## ଗେଷ୍ଟ ହାଉସରୁ ମିଳିଲା ମୃତଦେହ

**ଭଦ୍ରକ ଅଫିସ, ୨୧**

ଭଦ୍ରକ ଜିଲା ଆରଡ଼ି ଛକ ନିକଟସ୍ଥ ଏକ ଗେଷ୍ଟ ହାଉସରୁ ଗୁରୁବାର ପୂର୍ବାହ୍ନରେ ଘରୋଇ କମ୍ପାନୀର ଜଣେ ସୁପରଭାଇଜରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଖୋର୍ଦ୍ଧା ଅଞ୍ଚଳର ଦେବୀପ୍ରସାଦ ଚମ୍ପତିରାୟ(୨୨) ବୋଲି ଜଣାପଡ଼ିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତକରି ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଦେବୀପ୍ରସାଦ ଦୀର୍ଘଦିନ ଧରି ଭଦ୍ରକ ଜିଲା ପାଇଁ ଉକ୍ତ କମ୍ପାନୀରେ ସୁପରଭାଇଜର ଭାବେ କାମ କରୁଥିଲେ। ଗୁରୁବାର ସକାଳେ ସେ ରହୁଥିବା ଗୃହର କବାଟ ଖୋଲି ନ ଥିଲେ। ସନ୍ଦେହ ହେବାରୁ ତାଙ୍କ ସହଯୋଗୀମାନେ କବାଟ ଡାଡ଼ି ସେ ବେଡ୍‌ରେ ପଡ଼ିଥିବା ଅବସ୍ଥାରେ ଦେଖିଥିଲେ।

ତାଙ୍କୁ ତୁରନ୍ତ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଦାୟିତ୍ୱ ନେଲେ ନୂତନ ଡିଆଇପିଆର୍‌ଓ


ନୂତନ ଡିଆଇପିଆର୍‌ଓଙ୍କୁ ସ୍ୱାଗତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୧**

ଢେଙ୍କାନାଳ ଜିଲାର ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟର ରଞ୍ଜନ କୁମାର ରାଉତ। ଏହି ପଦବୀରେ ଥିବା ହେମନ୍ତ କୁମାର ନାୟକ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନିୟମିତ ଅଧିକାରୀ ନିଯୁକ୍ତି ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ଭାରପ୍ରାପ୍ତ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଟାଏକୋଣ୍ଡୋ ଚାମ୍ପିୟନଶିପ ପାଇଁ ଖେଳାଳି ଚୟନ


କୋଚ୍‌ଙ୍କ ସହ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୧**

ଗଞ୍ଜାମ ଜିଲା ବ୍ରହ୍ମପୁରସ୍ଥିତ ସଂସ୍କୃତିଭବନ ପରିସରରେ ଶୁକ୍ରବାରଠାରୁ ଆରମ୍ଭ ହେଉଛି ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍। ଏହା ୫ ତାରିଖ ଯାଏ ଚାଲିବ। ଏଥିରେ ଭାଗ ନେବାକୁ ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ ୧୦ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ଆୟୁଷ କୁମାର ସାହୁ, ସ୍ଥିତିପ୍ରଜ୍ଞା ସାହୁ, ରୁଦ୍ରାଦିତ୍ୟ ପଟ୍ଟନାୟକ, ସାହିଲ୍ ପୃଷ୍ଟି, ଜୀବନଜ୍ୟୋତି ନାୟକ, ପ୍ରିୟାଂଶୁ ରାଉତ, ପ୍ରତାପ କୁମାର ନାୟକ, ପ୍ରିତୀଶ କୁମାର ନାୟକ, ରବୀନ୍ଦ୍ର କୁମାର ପରିଡ଼ା ଏବଂ ଇନ୍ଦ୍ରଜିତ୍ ସାହୁ। ଉଭୟ ପୁମ୍‌ସେ ଏବଂ ଫାଇଟ୍‌ର ବିଭିନ୍ନ ବିଭାଗରେ ସମ୍ପୃକ୍ତ ଖେଳାଳିମାନେ ଭାଗନେବେ। ଏଥିରେ କୃତିତ୍ୱ ହାସଲ କରିବାକୁ ପ୍ରତିଯୋଗୀମାନେ କଡ଼ା ଅଭ୍ୟାସ ଜାରି ରଖିଛନ୍ତି। ଏଥିଲାଗି ସ୍ୱତନ୍ତ୍ର ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା କୋଚ୍ ଇଂ. ସୌମ୍ୟବ୍ରତ ସାହୁ ପ୍ରତିଯୋଗୀଙ୍କ ମନୋବଳ ବଢ଼ାଇବା ପାଇଁ ସେମାନଙ୍କ ସହ ଯାତ୍ରା କରିବେ।

■ଫେରିଗଲା ନୂଆପୋଖରୀ ଉନ୍ନତୀକରଣ ଅନୁଦାନ

# ଅଂଶୁପା ଢାଞ୍ଚାରେ ହେବ ବିକାଶ

**ଢେଙ୍କାନାଳ ଅଫିସ, ୨୧**

ପୌର ପରିଷଦର ଇଚ୍ଛାଶକ୍ତି ଅଭାବରୁ ଢେଙ୍କାନାଳର ଐତିହ୍ୟସମ୍ପନ୍ନ ନୂଆ ପୋଖରୀ (ଭାଗୀରଥି ସାଗର) ଉନ୍ନତୀକରଣ ପାଇଁ ଆସିଥିବା ୨୭ ଲକ୍ଷ ଟଙ୍କା ଫେରିଯାଇଛି। ଅନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ଫେରିଯିବା ପୌର ପ୍ରଶାସନର ଅପାରଗତାକୁ ପଦାରେ ପକାଇଥିବାବେଳେ ପୋଖରୀକୁ ନୂଆ ରୂପ ଦେବା ପାଇଁ ଏବେ ପ୍ରସ୍ତୁତ କରାଯାଇଛି ଯୋଜନା। ସୋମବାର ଅପରାହ୍ନରେ ବିଧାୟକ ସୁଧୀର କୁମାର ସାମଲ ପୋଖରୀ ପରିଦର୍ଶନ କରିଥିଲେ। ଜଳାଶୟଟି ପଙ୍କରେ ଭର୍ତ୍ତି ହୋଇ ରହିଛି। ରକ୍ଷଣାବେକ୍ଷଣ କରାଯାଉନାହିଁ। ଏହାକୁ ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି। ଏଥିସହ ତୁରନ୍ତ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅଂଶୁପା ହ୍ରଦ ଢାଞ୍ଚାରେ ଏହାର ବିକାଶ କରିବାକୁ ସେ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନୂଆ ପୋଖରୀର ବିକାଶ ଲାଗି ୨୦୧୯ ପ୍ରଥମାର୍ଦ୍ଧରେ ଢେଙ୍କାନାଳ ଆଞ୍ଚଳିକ ଉନ୍ନୟନ ସଂସ୍ଥା (ଡ୍ରିଟ୍) ତରଫରୁ ତତ୍କାଳୀନ ଜିଲାପାଳଙ୍କ ସମୟରେ ୨୭ଲକ୍ଷ ଟଙ୍କା ମିଳିଥିଲା। ଏହି ଅର୍ଥରେ ପୋଖରୀ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ୱାକିଂପାଥ୍ କରିବା ଯୋଜନା ରହିଥିଲା। ହେଲେ ଅନୁଦାନ ଅର୍ଥର ସାମାନ୍ୟ ସଦୁପଯୋଗ କରାଯାଇପାରିନାହିଁ। ଫଳରେ ପୋଖରୀର ସିଂହଭାଗ ଦଳପଙ୍କରେ ଭର୍ତ୍ତି ହୋଇଛି। ସେହିପରି ଚାରିପଟେ ଆବର୍ଜନା ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟ ଯୁବକ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ନୂଆପୋଖରୀ ବିକାଶ କଟକ ଜିଲା ଆଠଗଡ଼ ଉପଖଣ୍ଡରେ ଥିବା ଅଂଶୁପା ଢାଞ୍ଚାରେ ହେବ। ଅଂଶୁପା ହ୍ରଦରେ ପଙ୍କୋଦ୍ଧାର କାର୍ଯ୍ୟରେ ବ୍ୟବହାର କରାଯାଇଥିବା ମେଶିନକୁ ଆଣି କାମରେ ଲଗାଯିବ। ଅଂଶୁପା ହ୍ରଦ ଉନ୍ନତୀକରଣ କରିଥିବା ନିର୍ବାହୀଯନ୍ତ୍ରୀଙ୍କ ସହ ପରାମର୍ଶ କରି ନୂଆପୋଖରୀ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଧାୟକ ପୌର ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ବାଦ୍‌ଦେଲେ ପୋଖରୀ ଚାରିପଟେ ତୁଠକୁ ଛାଡ଼ି ତାରବାଡ଼ ଲଗାଇବା, ପୂଜାର୍ଚ୍ଚନା ଲାଗି ଏକ ସ୍ଥାନ ନିରୂପଣ କରାଯିବାକୁ ଆଲୋଚନା ହୋଇଥିଲା। ବିଧାୟକଙ୍କ ସହିତ ଆଲୋଚନା ସମୟରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ କୁହନ୍ତି, ପୋଖରୀ ଚାରିପାଖରେ ୱାକିଂପାଥ୍ ପାଇଁ ଡ୍ରିଟ୍‌ରୁ ୨୭ଲକ୍ଷ ଟଙ୍କା ମିଳିଥିଲା। କାର୍ଯ୍ୟ ହୋଇ ନ ପାରିବାରୁ ଟଙ୍କା ଫେରିଗଲା । ନୂତନ ଯୋଜନା ଅନୁଯାୟୀ ଅଂଶୁପା ଭଳି ଏହାର ଉନ୍ନତୀକରଣ କରାଯିବ।

ଉଲ୍ଲେଖଯୋଗ୍ୟ, ପୌରସଂସ୍ଥା ପକ୍ଷରୁ ନୂଆପୋଖରୀରେ ବୋଟିଂ ବ୍ୟବସ୍ଥା କରାଯାଇଛି। ମନୋରଞ୍ଜନ ପାଇଁ ପାର୍କ ମଧ ନିର୍ମିତ ହୋଇଛି। ପ୍ରତିବର୍ଷ ଶୀତଦିନେ ଏଠାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଛି। ଖରାଦିନେ ସନ୍ଧ୍ୟା ସମୟରେ ପୋଖରୀ କୂଳରେ ନିର୍ମିତ ପାର୍କରେ ଲୋକେ ଭିଡ଼ ଜମାଇଥାନ୍ତି। ଏହି ପ୍ରାଚୀନ ପୋଖରୀର ବିକାଶ ହେଲେ ସହରବାସୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।


ନୂଆ ପୋଖରୀ।

■ପ୍ରଦାନ କରାଯାଇଥିଲା ୨୭ଲକ୍ଷ ଟଙ୍କା
■ତୁରନ୍ତ ପଙ୍କୋଦ୍ଧାର ପାଇଁ ବିଧାୟକଙ୍କ ନିର୍ଦ୍ଦେଶ

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ